# ରଥଯାତ୍ରା - ୨୦୨୨



## ମାନ୍ୟବର ଆଇନ୍, ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଓଡ଼ିଶାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ରଥଯାତ୍ରା ୨୦୨୨ର ଦ୍ୱିତୀୟ ସମନ୍ୱୟ କମିଟି ବୈଠକର ବିବରଣୀ

ସ୍ଥାନ :

ପୌରସଦନ, ପୁରୀ ପୌରସଂସ୍ଥା, ପୁରୀ

ତାରିଖ : -୦୧ ଜୁନ୍, ୨୦୨୨ ମସିହା ବୁଧବାର

ସମୟ : ପୂର୍ବାହ୍ନ ଘ୧୧.୦୦ଟିକା

## ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ

## ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ।।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୨୨ ନିମନ୍ତେ ମାନ୍ୟବର ମନ୍ତ୍ରୀ ଆଇନ୍, ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗରଉନ୍ନୟନ, ଓଡ଼ିଶାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ସମନ୍ୱୟ କମିଟି ବୈଠକର ବିବରଣୀ ।

ସ୍ଥାନ : ପୌରସଦନ, ପୁରୀ ପୌରସଂସ୍ଥା, ପୁରୀ

ତାରିଖ : ତା ୦୧.୦୬.୨୦୨୨ ବୁଧବାର

ସମୟ : ପୂର୍ବାହ୍ନ ଘ.୧୧.୦୦ ଟିକା

**************************************************************************

ଚଳିତବର୍ଷ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ତା ୧.୦୭.୨୦୨୨ରିଖରୁ ପୁରୀଠାରେ ଅନୁଷ୍ଠିତ ହେଉଅଛି । ଏହିବର୍ଷ 'COVID-19' ପରିସ୍ଥିତିରେ ସୁଧାର ହୋଇଥିବାରୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ବିଗତ ବର୍ଷମାନଙ୍କ ତୁଳନାରେ ଦେଶ ବିଦେଶରୁ ଲକ୍ଷାଧିକ ଦର୍ଶନାର୍ଥୀଙ୍କ ପୁରୀରେ ସମାଗମକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବିଭିନ୍ନ ବ୍ୟବସ୍ଥା ଉପରେ ମାନ୍ୟବର ଆଇନ, ପଞ୍ଚାୟତିରାଜ, ପାନୀୟଜଳ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଓଡ଼ିଶାଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଅଛି । ଏହି ବୈଠକରେ ମାନ୍ୟବର ମନ୍ତ୍ରୀ ସୂଚନା ଓ ଲୋକସମ୍ପର୍କ ମାନ୍ୟବର ଶକ୍ତି ମନ୍ତ୍ରୀ', ମାନ୍ୟବର କ୍ରୀଡ଼ା ଓ ଯୁବ ବ୍ୟାପର ମନ୍ତ୍ରୀ', ଉପାଧ୍ୟକ୍ଷ, ରାଜ୍ୟ ଯୋଜନା ବୋର୍ଡ଼', ମାନ୍ୟବର ବିଧାୟକ ମଣ୍ଡଳୀ, ପୁରୀ ଜିଲ୍ଲା', ପ୍ରମୁଖ ସଚିବ, ଆଇନ ବିଭାଗ', ସ୍ୱତନ୍ତ୍ର ସଚିବ, ଗୃହ ବିଭାଗ', ଓଡ଼ିଶା', ଆରକ୍ଷୀ ମହାନିରୀକ୍ଷକ, (କେନ୍ଦ୍ରାଞ୍ଚଳ)', କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ', କଟକ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ, ପୁରୀଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ, ପୁରୀ ସହରର ବିଶିଷ୍ଟ ନାଗରିକବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପସ୍ଥିତ ସଭ୍ୟମାନଙ୍କର ତାଲିକା ପରିଶିଷ୍ଟ 'କ' ରେ ଦର୍ଶାଯାଇଛି । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ, ପୁରୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ପରେ ମାନ୍ୟବର ଆଇନ, ପଞ୍ଚାୟତିରାଜ, ପାନୀୟଜଳ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଓଡ଼ିଶା ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ପ୍ରକାଶ କରିଥିଲେ ଯେ, ଘୋଷ ଯାତ୍ରା ଓ ଦେବସ୍ନାନ ପୂର୍ଣ୍ଣିମା ଯାତ୍ରା ସୁପରିଚାଳନାରେ ସମସ୍ତ ସଂଶ୍ଲିଷ୍ଟ ବ୍ୟକ୍ତିବିଶେଷଙ୍କ ଦାୟିତ୍ୱ ରହିଛି ଓ ତନ୍ମଧ୍ୟରୁ ସେବାୟତ ମାନଙ୍କର ବିଶେଷ ଦାୟିତ୍ୱ ରହିଅଛି । ଏଥିପାଇଁ ମାନ୍ୟବର ମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ ଏବଂ ସଭା ପରିଚାଳାନା କରିବା ପାଇଁ ଜିଲ୍ଲାପାଳ, ପୁରୀଙ୍କୁ ଅନୁମତି ଦେଇଥିଲେ ଏବଂ ନିମ୍ନଲିଖିତ ଟିପ୍ପଣୀ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

## ୧. ରଥକାଠ ଯୋଗାଣ :

ଚଳିତ ବର୍ଷ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ବନଖଣ୍ଡ ଅଧିକାରୀ ନୟାଗଡ଼ ଓ ଖୋର୍ଦ୍ଧା ଆବଶ୍ୟକ ସମସ୍ତ କାଠ ଯୋଗାଇଥିବା ବୈଠକରେ ସୂଚନା ଦେଇଥିଲେ । ଆବଶ୍ୟକ ୭୮୫ ଖଣ୍ଡ କାଠ ରଥଖଳା ଏବଂ ଖପୁରିଆ ସ୍ଥିତ କରତ କଳର ପଂହଚିଯାଇଛି ବୋଲି ଶ୍ରୀ ମନ୍ଦିର ପ୍ରଶାସକ ବୈଠକରେ ସୂଚନା ଦେଇଥିଲେ ।

*(କାର୍ଯ୍ୟାନୁଷ୍ଠାନ : ବନଖଣ୍ଡ ଅଧିକାରୀ, ନୟାଗଡ / ଖୋର୍ଦ୍ଧା)*
*ବୌଦ୍ଧ/ଶ୍ରୀମନ୍ଦିର ପ୍ରଶାସନ, ପୁରୀ/ଓ.ଏଫ୍.ଡ଼ି.ସି.)*

## କ. ରଥ ନିର୍ମାଣ:

ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ଏବଂ ଯଥା ସମୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବୈଠକରେ ପ୍ରତିଶୃତି ଦିଆଯାଇଥିଲା ଏବଂ ରଥନିର୍ମାଣ କାର୍ଯ୍ୟ ତଦାରଖ ନିମିତ ସଂପୃକ୍ତ ସେବକ, ବୈଷୟିକ ଓ ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯାଇଛି । ପ୍ରତି ରଥର ଚକ ତିଆରି ହୋଇ ଅଖ ସହ ସଂଯୋଗ କାର୍ଯ୍ୟ ସରିଛି ଏବଂ ସ୍ନାନପୂର୍ଣ୍ଣିମା ଦିନ ଚାରି ନାହାକା ସଂଯୋଗ କରାଯାଇ ଦଣ୍ଡା ଉଠିବ ଏବଂ ଚାରି ଦ୍ୱାର କାର୍ଯ୍ୟ ଚାଲୁ ରହିବ ।

## ଖ. ରଥକନା ସଂଗ୍ରହ:

ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଆବଶ୍ୟକ ବିଭିନ୍ନ ରଙ୍ଗର ରଥକନା ମହଜୁଦ୍ ଅଛି ।

## ଗ. ରଥ ଦଉଡି :

ଚଳିତ ବର୍ଷ ରଥଯାତ୍ରା ନିମନ୍ତେ **୧୨** ଗୋଟି ରଥଟଣା ଦଉଡି ଓ *୬* ଗୋଟି ଘେର ଦଉଡ଼ି ମହଜୁଦ ଅଛି । ରଥଦଉଡି ଯେପରି ବର୍ଷା ସମୟରେ ନଛିଡିବ ସେଥିପ୍ରତି ଦୃଷ୍ଟି ଦେବାକୁ ମାନ୍ୟବର ଆଇନ ମନ୍ତ୍ରୀ, ଶ୍ରୀମନ୍ଦିର ପ୍ରଶାସନକୁ ଦୃଷ୍ଟି ଦେବାକୁ କହିଥିଲେ ।

ଶ୍ରୀଜୀଉମାନଙ୍କର ରଥଯାତ୍ରା ନିମନ୍ତେ ଆବଶ୍ୟକ ଚନ୍ଦନ କାଠ, ବାରଲାଗି ପାଟ, ବାସୁଙ୍ଗା ପାଟ, ଲାଗି ଲୁଗା, ଝୁଣା, ଚେହେଲି, କସ୍ତୁରୀ, ବନକଲାଗି, ବିଜେଡୋରୀ ଇତ୍ୟାଦି ସାମଗ୍ରୀ ମହଜୁଦ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

*(କାର୍ଯ୍ୟାନୁଷ୍ଠାନ : ପ୍ରଶାସକ ଶ୍ରୀମନ୍ଦିର, ପୁରୀ)*

## ଘ. ନୀତି ସମ୍ପାଦନ :

ରୁକୁଣାହରଣ ଏକାଦଶୀ ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସ୍ନାନଯାତ୍ରା ରଥଯାତ୍ରାର ସବିଶେଷ ନୀତି ନିର୍ଘଣ୍ଟ କରାଯାଇଛି ଏବଂ ଏହା ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକରେ ଆଲୋଚନା କରାଯାଇଛି ଏବଂ ପରିଚାଳନା କମିଟିର ଅନୁମୋଦନ ହୋଇଛି ଏବଂ ଏହା ପୁସ୍ତକ ଭାବେ ଛପାଯାଇ ନିଯୋଗମାନଙ୍କୁ ଯୋଗାଇ ଦିଆଯିବ । ଶ୍ରୀଜିଉମାନଙ୍କ ନିତୀ ଯେପରି ଶୃଙ୍ଖଳିତ ହେବ ସେଥିପ୍ରତି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

## ୬. ରଥ ଟଣା :

ଶ୍ରୀଜିଉମାନଙ୍କର ରଥ ସୁନିୟନ୍ତିତ ଭାବେ ଟଣାଯିବା ପାଇଁ ୧୨ଟି ଦଉଡି, ୬ଟି କର୍ଡନ ଦଉଡି, ପୋଲିସ, ପ୍ରଶାସନିକ ଅଧିକାରୀ, ଘଣ୍ଟୁଆ, ସେବାୟତ ଆଦି ମୁତୟନ ବ୍ୟବସ୍ଥା କରାଯାଉଛି ।

*(କାର୍ଯ୍ୟାନୁଷ୍ଠାନ : ପ୍ରଶାସକ ଶ୍ରୀମନ୍ଦିର, ପୁରୀ)*

## ୭. ସ୍ୱାସ୍ଥ୍ୟ ସେବା :

ଚଳିତ ବର୍ଷ ଶ୍ରୀଜିଉମାନଙ୍କର ଘୋଷ ଯାତ୍ରା ସମୟରେ ଜନ ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିମ୍ନଲିଖିତ ବ୍ୟବସ୍ଥା ଗ୍ରହଣ କରାଯାଉଅଛି ।

- ବଡ଼ଦାଣ୍ଡରେ ଏବଂ ପୁରୀ ସହରର ପାଶ୍ୱବର୍ତୀ ଅଂଚଳରେ ମୋଟ ୨୦ ଗୋଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା ହେଉଅଛି ।
- ଡାକ୍ତର, ଫାର୍ମାସିଷ୍ଟ, ଆଟେଣ୍ଡାଂଟ, ଫୁଡ୍, ସେଫ୍‌ଟି ଅଫିସର ଏପରି ମୋଟ ୨୩୩ଜଣ ମୁତୟନର ବ୍ୟବସ୍ଥା କରାଯାଇଛି ।
- ଚଳିତ ବର୍ଷ ରଥଯାତ୍ରା ନିମିତ ପୁରୀ ସହରାଂଚଳ ଡ଼ାକ୍ତରଖାନାରେ ତଥା ଗ୍ରାମାଚଂଳ ନିମିତ ମୋଟ ୨୦୭ ଗୋଟି ଶଯ୍ୟାର ବ୍ୟବସ୍ଥା କରାଯାଉଛି ।
- ୬ ଜଣ ଖାଦ୍ୟନିରକ୍ଷକ ରଥଯାତ୍ରା ଉପଲକ୍ଷେ ନିୟୋଜିତ ରହି କାର୍ଯ୍ୟ କରିବା ପାଇଁ ସ୍ଥିର କରାଯାଇଛି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ଖଜା ଦୋକାନର ଖଜାମାନ ପରୀକ୍ଷା କରାଯିବ ଏବଂ ସ୍ୱର୍ଗଦ୍ୱାର ନିକଟରେ ଆମିଷ ବିକ୍ରିକୁ ନିଷେଦ୍ଧ କରାଯିବ । ସେହିପରି ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ଉଠା ଖାଦ୍ୟ ଦୋକାନ ମାନଙ୍କର ଖାଦ୍ୟ ପ୍ରତ୍ୟେକଦିନ ପରୀକ୍ଷା କରାଯିବ । ଯାହାଦ୍ୱାରା ବିଭିନ୍ନ ଖାଦ୍ୟଜନିତ ରୋଗରୁ ଯାତ୍ରୀମାନଙ୍କୁ ସୁରକ୍ଷା ଦିଆଯାଇ ପାରିବ ।
- **ORS, Halogen, Bleaching Powder** ଇତ୍ୟାଦିର ବ୍ୟବସ୍ଥା କରାଯାଉଅଛି ।
- ଚଳିତ ବର୍ଷ ସମ୍ଭାବ୍ୟ ଅଂଶୁଘାତରୁ ରକ୍ଷା ନିମିତ ୨ ଗୋଟି ସ୍ଥାନରେ ହିଟ୍ ଷ୍ଟ୍ରୋକ ସେଂଟର ଯଥା- ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ଏବଂ ବାଗେଡ଼ିଆ ଧର୍ମଶାଳାରେ କାର୍ଯ୍ୟକ୍ଷମ ହେବ ।
- ସମୁଦ୍ରକୂଳରେ ଦୁଇଗୋଟି ଆମ୍ବୁଲାନ୍ସ ମୁତୟନ କରାଯିବ ଯଥା ଗୋଟେ ଚୈତନ୍ୟ ଛକ ଏବଂ ଅନ୍ୟଟି ଦିଗବାରେଣୀ ପାଖରେ ରଖାଯିବ ।
- ମାଳତୀପାଟପୁର ବସଷ୍ଟାଣ୍ଡରେ, ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶ ଦିନ ସର୍ଜରୀ ସ୍ପେଶିଆଲିଷ୍ଟ ରହିବେ ।
- ଖାଦ୍ୟ ସୁରକ୍ଷା, ପାନୀୟଜଳ, ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧେ ଡାକବାଜି ଯନ୍ତ୍ର, ଲିଫ୍ଲେଟ୍ ମାଧ୍ୟମରେ ଜନସାଧାରଣଙ୍କ ସଚେତନ ନିମନ୍ତେ ଅବଗତ କରିବେ ।

- ପୁରୀ ସଂକ୍ରାମକ ରୋଗ ଚିକିତ୍ସାଳୟରେ ମଳନମୁନା ପରୀକ୍ଷାଗାର ତା ୧୪.୦୬.୨୦୨୨ରିଖରୁ ତା ୧୧.୦୭.୨୦୨୨ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

- ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରରେ ଜଳନମୁନା ବିଶ୍ଳେଷଣାଗାର ତା ୧୪.୦୬.୨୦୨୨ରିଖରୁ ତା ୧୩.୦୭.୨୦୨୨ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

- ରଥଯାତ୍ରା ନିମିତ ନିୟୋଜିତ ଡାକ୍ତର ପାରାମେଡ଼ିକାଲ କର୍ମଚାରୀଙ୍କ ରହଣୀ ନିମନ୍ତେ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ବୃନ୍ଦାବତୀ ନିବାସରେ ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକରୀରଙ୍କୁ ପରାମର୍ଶ ଦିଆଗଲା । ସି.ଡି.ଏମ୍.ଓ. ଡାକ୍ତର ମାନଙ୍କର ରହଣି ସମସ୍ତ ବ୍ୟବସ୍ଥା କରିବେ ।

- ବଡ଼ ଡାକ୍ତରଖାନାରେ **Trauma care Centre** କାର୍ଯ୍ୟକାରୀ ହେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା ।

- ୨୦୦ ବୋତଲ ବିଭିନ୍ନ **Group** ର ରକ୍ତ ପୁରୀ ରକ୍ତ ଭଣ୍ଡାରରେ ମହଜୁଦ ରଖାଯାଇଛି ।

- ପୁରୀ ବଡ଼ଡାକ୍ତରଖାନାରେ ଲାଇଟ୍, ଫ୍ୟାନ୍, ଲିଫ୍ଟ ଇତ୍ୟାଦି ଖରାପ ହେଉଥିବାରୁ ମାନ୍ୟବର ଆଇନ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିବା ସହ ଏହାର ନିରାକରଣ ନିମନ୍ତେ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକୁ ତନଖି କରି ଏହାର ତୁରନ୍ତ ସମାଧାନ କରିବାକୁ ବୈଠକରେ ନିର୍ଦ୍ଦେଶ ଦେଇଥିଲେ ।

- ପୁରୀ ବଡ଼ ଡାକ୍ତରଖାନାରେ ରାତ୍ରି ସମୟରେ ମଧ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଗଲା ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅହର୍ନିଶି ଯୋଗାଇବା ପାଇଁ ସି.ଡି.ଏମ୍.ଓ.ବିହିତ ବ୍ୟବସ୍ଥା କରିବା ସହ ତଦାରଖ କରିବେ ।

- ମୋବାଇଲ କୋର୍ଟ ଗଠନ କରାଯାଇ ଛୋଟବଡ଼ ହୋଟେଲ/ ଠେଲାଗାଡ଼ି ଇତ୍ୟାଦିରେ ବିକ୍ରି ହେଉଥିବା ଖାଦ୍ୟପଦାର୍ଥର ମାନ ଯାଂଚ କରିବା ପାଇଁ ଅଚାନକ ଚଢ଼ାଉ କରାଯିବ ଓ ଶୁଦ୍ଧ ଖାଦ୍ୟ ଯୋଗାଇଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ଦୈନନ୍ଦିନ ସଂଧ୍ୟା ୫ଘଂଟା ଠାରୁ ୧୧ ଘଂଟା ପର୍ଯ୍ୟନ୍ତ ଯାଂଚ କାର୍ଯ୍ୟ ଚାଲିବ ଏବଂ ସମୁଦ୍ରକୂଳ ଅଂଚଳରେ ଯାଞ୍ଚପାଇଁ ବିଶେଷ ଧ୍ୟାନ ଦିଆଯିବ ।

- ଚଳିତ ରଥଯାତ୍ରା ନିମିତ ନିୟୋଜିତ ସେବାୟତ, ଅଧିକାରୀମାନଙ୍କୁ କରୋନା ମହାମାରୀକୁ ଦୃଷ୍ଟିରେ ରଖି ପୂର୍ବରୁ ସାବଧାନତା ଅବଲମ୍ବନ ପାଇଁ **(Covid Booster Dose)** ଦିଆଯିବ ।

*( କାର୍ଯ୍ୟାନୁଷ୍ଠାନ : ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ / ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ / ଜନସ୍ୱାସ୍ଥ୍ୟ ବିଭାଗ, ପୁରୀ )*

## ୩. ପାନୀୟ ଜଳଯୋଗାଣ :

ଚଳିତ ବର୍ଷ ରଥଯାତ୍ର ସମୟରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଯାତ୍ରୀଙ୍କ ପାଇଁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଉଛି ।

- ଆବଶ୍ୟକ ହ୍ୟାଣ୍ଡ ପମ୍ପ୍ ଟ୍ୟୁବ୍ ୱେଲ୍ ଏବଂ ଷ୍ଟାଣ୍ଡ ପୋଷ୍ଟ ବଡ଼ଦାଣ୍ଡରେ ବିଭିନ୍ନ ସ୍ଥାନରେ କରାଯାଉଛି ଏବଂ ଏହା ସ୍ନାନପୂର୍ଣ୍ଣିମା ଠାରୁ ସୁନାବେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

- ୩୦ ଗୋଟି ଜଳପୂର୍ଣ୍ଣ ଟ୍ୟାଙ୍କର ୨୪ ଘଂଟା ବଡ଼ଦାଣ୍ଡରେ ମୁତୟନ ରହି ପାନୀୟ ଜଳ ଯୋଗାଇଦେବାର ବ୍ୟବସ୍ଥା କରାଯିବ ।
- ସମସ୍ତ ହ୍ୟାଣ୍ଡ ପମ୍ପ୍ ଟ୍ୟୁବ୍ ୱେଲ୍ ଗୁଡ଼ିକର ୩ୟ ପର୍ଯ୍ୟାୟ ବିଶୋଧନ କାର୍ଯ୍ୟ ସମାପ୍ତ ହୋଇଅଛି ବୋଲି ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବୈଠକରେ ସୂଚନା ଦେଇଥିଲେ ।
- ୨ ଗୋଟି ମରାମତି ଦଳ ଗଠନ କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ ପାଇପ୍ ଲାଇନ୍, ଷ୍ଟାଣ୍ଡ ପୋଷ୍ଟ ହ୍ୟାଣ୍ଡ ପମ୍ପ୍ ଟ୍ୟୁବ୍‌ୱେଲ୍ ଗୁଡିକୁ ତୁରନ୍ତ ମରାମତି କରିବେ ।
- ପାନୀୟ ଜଳର ଗୁଣାତ୍ମକ ମାନ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଓ ନିର୍ବାହୀଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ମିଳିତ ଭାବେ ପରୀକ୍ଷା କରିବେ ।
- ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ଜଳଯୋଗାଣ ନିମନ୍ତେ ୩୦ ଗୋଟି ଡି.ଜି. ସେଟ୍ ବ୍ୟବସ୍ଥା କରାଯାଇଛି ।
- ସେବାୟତଙ୍କ ପ୍ରାତଃ ସ୍ନାନ ନିମନ୍ତେ ତୋଟା ଗୋପୀନାଥ ଓ ମାର୍କଣ୍ଡ ଜଳଭଣ୍ଡାରରୁ ଅତିରିକ୍ତ ଅଧିକ ସମୟ ଜଳଯୋଗାଣର ବ୍ୟବସ୍ଥା କରାଯାଇଛି ।
- ଅତ୍ୟଧିକ ରୌଦ୍ରତାପରୁ ରକ୍ଷା ପାଇଁ ୨ ଗୋଟି ଜଳସିଂଚନ ଟ୍ୟାଙ୍କର ଏବଂ ୨୫ଗୋଟି **Manual Sprinkler** ସାହାଯ୍ୟରେ ଜଳସିଂଚନ ବ୍ୟବସ୍ଥା କରାଯିବ । ତତ୍ ସଙ୍ଗେ ଅଗ୍ନିଶମ ଅଧିକାରୀ ମଧ୍ୟ ଜଳସିଂଚନ ବିହିତ ବ୍ୟବସ୍ଥା କରିବେ ।
- **Industrial Blower** ସାହାଯ୍ୟରେ ପାଣି ସିଂଚନର ବ୍ୟବସ୍ଥା କରାଯାଉଛି ।
- ଆବଶ୍ୟକ ମତେ ୨୦ ଗୋଟି ହ୍ୟାଣ୍ଡ ପମ୍ପ୍ ଟ୍ୟୁବ୍‌ୱେଲ ବିଭିନ୍ନ ପୋଲିସ ଶିବିର ପାଇଁ ବସିଯାଇଛି ।
- ପୁରୀ ପୌରସଂସ୍ଥା ସହରର କୂପ, ନଳକୂପ ଇତ୍ୟାଦିକୁ ବିଶୋଧନ କରିବେ ।
- ସମସ୍ତ ଅସ୍ଥାୟୀ ଓ ଉଠା ପାଇଖାନାଗାରକୁ ଜଳ ସଂଯୋଗର ବ୍ୟବସ୍ଥା କରାଯାଉଛି ।
- ପୁରୀ ସଂଲଗ୍ନ ଗ୍ରାମାଂଚଳରେ ଥିବା ସମସ୍ତ ନଳକୂପର ବିଶୋଧନ କାର୍ଯ୍ୟ ଓ ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କୁ ବୈଠକରେ ପରାମର୍ଶ ଦିଆଗଲା ।
- ବିଭିନ୍ନ **Corporate House**ଙ୍କ ଠାରୁ ପାଣିବୋତଲ ଉପଲବ୍ଧ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସୁବଣ୍ଟନର ବ୍ୟବସ୍ଥା କରାଯିବା ସହ ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ପାନୀୟଜଳ ଯୋଗାଣ ନିମନ୍ତେ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।
- ସମୁଦ୍ରକୂଳ ଅଞ୍ଚଳରେ ପାଣିଟ୍ୟାଙ୍କର ଦ୍ୱାରା ପାନୀୟଜଳ ବଣ୍ଟନ ବ୍ୟବସ୍ଥା କରାଯାଉଛି ।
- ପୁରୀକୁ ସଂଯୋଗ କରୁଥିବା ସମସ୍ତ ମୁଖ୍ୟ ରାସ୍ତାରେ ପାଣିର ବ୍ୟବସ୍ଥା କରାଯାଇଛି

*(କାର୍ଯ୍ୟାନୁଷ୍ଠାନ : ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ / ଜଳସେଚନ /*
*ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ / ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା)*

## ୪. ବିଦ୍ୟୁତ୍ ଯୋଗାଣ :

କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, **TPCODL** ଙ୍କ ପୁରୀ ସହରକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସ୍ନାନଯାତ୍ରାଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । ସେ ପ୍ରକାଶ କରିଥିଲେ ଯେ ପୁରୀ ଗ୍ରୀଡ୍, ସମଙ୍ଗରା ଓ ଶାମୁକା ଗ୍ରୀଡ୍‌ରୁ ଯୋଗାଇ ଦିଆଯାଉଛି । ବର୍ତମାନ ପୁରୀ ସହରରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇବାରେ କୌଣସି ସମସ୍ୟା ନାହିଁ । ରଥଯାତ୍ରା ସମୟେ କୌଣସି ମତେ ବିଦ୍ୟୁତ୍ କାଟ ହେବ ନାହିଁ ।

ରଥଟଣା ସମୟରେ ଜନସମାଗମକୁ ଦୃଷ୍ଟିରେ ରଖି ପୂର୍ବ ଭଳି ଚଳିତ ବର୍ଷ ରଥର ସମ୍ମୁଖ ଓ ପଶ୍ଚାତ ଭାଗରେ ଜେନେରେଟର ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ ଜାରି ରଖାଯିବ । ଶ୍ରୀ ଗୁଣ୍ଡିଚା ଯାତ୍ରା ଠାରୁ ସୁନାବେଶ ଓ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶ୍ରୀଜୀଉମାନଙ୍କର ରଥ ଗୁଡିକ ଆଲୋକିତ କରିବାର ବ୍ୟବସ୍ଥା କରାଯିବ । ୪ ଗୋଟି **Volvo Generator Set** ରଖାଯାଇ ବଡ଼ଦାଣ୍ଡ, ରଥ, ଶ୍ରୀମନ୍ଦିର, ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ଆଲୋକିତ କରାଯିବ ।

- ପୁରୀ, ସମଙ୍ଗରା ଓ ଶାମୁକା ଗ୍ରୀଡ୍ ସବ୍‌ଷ୍ଟେସନ୍‌ରୁ ରଥଯାତ୍ରା ନିମିତ ୬୬ ମେଗାୱାଟ୍ ବିଦ୍ୟୁତ ଯୋଗାଣର ବ୍ୟବସ୍ଥା ଅଛି ।
- ପ୍ରାଥମିକ ସ୍ଥଳେ ତାଳବଣିଆ, ଶ୍ରୀରାମନଗର, କଚେରୀ ରୋଡ୍, ବଳିଆ ପଣ୍ଡା, ଅଠରନଳା ଓ ଚାରିନଳା, ସମଙ୍ଗ ସବଷ୍ଟେସନ୍ ଗୁଡିକର ଆବଶ୍ୟକ ମରାମତି ରଥଯାତ୍ରା ପୂର୍ବରୁ ଶେଷ କରି ବିଦ୍ୟୁତ୍ ଆଲୋକ ଯୋଗାଣ ପାଇଁ ପ୍ରସ୍ତୁତ କରାଯାଇଛି । ଏହି ସବ୍‌ଷ୍ଟେସନରେ କଣ୍ଟ୍ରୋଲରୁମ ଦିବାରାତ୍ର କାର୍ଯ୍ୟ କରିବ ।
- ୩ ଗୋଟି ଡି.ଜି. ସେଟ୍ ଟ୍ରକ ଉପରେ ରଖାଯାଇ ତିନି ରଥ ପଛରେ ମୁତୟନ ରହି ଉଜ୍ୱଳ ଆଲୋକ ରଥ ଉପରକୁ ପ୍ରଦାନ କରିବେ ।
- ରଥଯାତ୍ରା ସମୟରେ ସମ୍ଭାବ୍ୟ ବିଦ୍ୟୁତ କାଟକୁ ଦୃଷ୍ଟିରେ ରଖି ଫେଡ୍‌କୋ ଅଧିକାରୀ ଅଧିକ ମରାମତି ଦଳ ନିୟୋଜିତ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା ।
- ରଥଯାତ୍ରା ସମୟରେ କୌଣସି ଟ୍ରାନ୍ସଫର୍ମର ଅକାମି ହେଲେ ତାହାକୁ ତୁରନ୍ତ ପରିବର୍ତନ କରିବା ପାଇଁ କ୍ରେନର ବ୍ୟବସ୍ଥା ହୋଇଛି ।
- ଫ୍ୟୁଜ କଲ୍ ସେଂଟରର ନମ୍ବର ଗୁଡିକ ସ୍ଥାନୀୟ ଟି.ଭି. ଚ୍ୟାନେଲରେ ଦିଆଯିବ ।
- ଗ୍ରାମାଞ୍ଚଳକୁ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ତା ୨୦.୦୬.୨୦୨୨ ମଧ୍ୟରେ ସମାପ୍ତ ହେବ ।
- ସହରରେ ସାମୟିକ ବିଦ୍ୟୁତ କାଟକୁ ଦୃଷ୍ଟିରେ ରଖି ଜନସଚେତନ ପାଇଁ ନିର୍ବାହୀଯନ୍ତ୍ରୀ ମାଇକ ଏବଂ ଟିଭି ଚ୍ୟାନେଲ ମାଧ୍ୟମରେ ନିର୍ଦ୍ଧାରିତ ସମୟ ଇତ୍ୟାଦିଙ୍କୁ ପ୍ରଚାରିତ କରିବେ ।
- ରଥଯାତ୍ରା ସମୟରେ ଯେପରି ଭୋଲଟେଜ୍ ସମସ୍ୟା ନହୁଏ ଫେଡ୍‌କୋ ଅଧିକାରୀ ସେଥିପ୍ରତି ଯତ୍ନବାନ ହେବେ । ସଂପୃକ୍ତ କର୍ମକର୍ତାମାନେ କର୍ମଠ ଓ କ୍ରିୟାଶୀଳ ହେବା ଆବଶ୍ୟକ ସାମଗ୍ରୀ ତୁରନ୍ତ ଯୋଗାଡ଼ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

✦ ୩୩ ଜଣ ଅଧିକାରୀ ଓ ସମସ୍ତ କର୍ମଚାରୀ ମରାମତି କାର୍ଯ୍ୟପାଇଁ ମୁତୟନ ହେବେ ଏବଂ ୪ଗୋଟି **Mobile Squard** ମଧ୍ୟ ନିୟୋଜିତ ହେବେ ।

✦ ତାଳବଣିଆ ରାସ୍ତାକୁ ଆଲୋକିତ କରିବା ପାଇଁ ନିର୍ବାହୀ ଅଧିକାରୀ ପୁରୀ ପୌରସଂସ୍ଥା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ

*(କାର୍ଯ୍ୟାନୁଷ୍ଠାନ : ନିର୍ବାହୀ ଯନ୍ତ୍ରୀ, TPCODL / ନିର୍ବାହୀ ଅଧିକାରୀ, ପୌରସଂସ୍ଥା, ପୁରୀ)*

## ୫ ପରିବହନ ବ୍ୟବସ୍ଥା :

ଶ୍ରୀ ଜିଉମାନଙ୍କର ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଦେଖିବା ଲାଗି ବହୁଳ ସଂଖ୍ୟାରେ ଯାତ୍ରୀଙ୍କ ଆଗମନ ଦୃଷ୍ଟିରୁ ସେମାନଙ୍କୁ ବସ୍ ସୁବିଧା ଯୋଗାଇ ଦେବା, ଭଡା ବୃଦ୍ଧିକୁ ରୋକିବା ଓ ଅତ୍ୟଧିକ ଯାତ୍ରୀ ପରିବହନକୁ ନିୟନ୍ତ୍ରଣ ନିମନ୍ତେ ପରିବହନ ଅଧିକାରୀ, ପୁରୀ ଓ ଭୁବନେଶ୍ୱର ବିହିତ ପଦକ୍ଷେପ ଗ୍ରହଣ କରିବେ ।

* ଅଧିକ ଯାତ୍ରୀ ପରିବହନ ନିମନ୍ତେ ଅଧିକ ସଂଖ୍ୟକ ବସ୍ ଚଳାଚଳର ବ୍ୟବସ୍ଥା କରାଯିବ । ଏଥିପାଇଁ କଟକ-ଭୁବନେଶ୍ୱର ପୁରୀ ମଧ୍ୟରେ ସ୍ୱତନ୍ତ୍ର ବସ ଚଳାଚଳର ଅନୁମତି ଦିଆଯିବାକୁ ରାଜ୍ୟ ପରିବହନ ଆୟୁକ୍ତ ବୈଠକରେ ସୂଚନା ଦେଇଥିଲେ ।

* ସମ୍ଭାବ୍ୟ ଦୁର୍ଘଟଣା ଜନିତ ଅସୁବିଧାର ମୁକାବିଲା ପାଇଁ ୪ ଗୋଟି ଇଂଟର ସେପ୍ଟର ଓ ୬ ଗୋଟି କ୍ରେନ୍ ରଥଯାତ୍ରା ନିମନ୍ତେ ମହଜୁଦ୍ ରଖିବାକୁ ବ୍ୟବସ୍ଥା କରାଯିବ । ସ୍ନାନପୂର୍ଣ୍ଣିମା ଦିନ ୪ ଗୋଟି କ୍ରେନ୍ ନ୍ୟାସନାଲ ହାଇୱେରେ ମହଜୁଦ୍ ରହିବ ।

* ସମସ୍ତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ମାନଙ୍କରେ ବସ୍‌ଚଳାଚଳ ଉପରେ ସୂଚନା ସେବା ପାଇଁ ବ୍ୟବସ୍ଥା କରାଯିବ ।

* ଯାନଗୁଡିକର ଗତି ନିୟନ୍ତ୍ରଣ ପାଇଁ ନିୟନ୍ତ୍ରଣ କକ୍ଷ ଓ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ବ୍ୟବସ୍ଥା କରାଯିବ ।

* ତାଳବଣିଆ ଓ ମାଳତିପାଟପୁର ବସଷ୍ଟାଣ୍ଡରେ ଦିବାରାତ୍ରି ଆବଶ୍ୟକ ସଂଖ୍ୟକ କର୍ମଚାରୀ ମୁତୟନ କରାଯିବ ।

♦ ରଥଯାତ୍ରା ସମୟରେ ଅଟୋରିକ୍ସା ଗୁଡ଼ିକ କେତେ ବାଟ ଯିବେ ତାହାର ସୀମା ନିର୍ଦ୍ଧାରଣ ନିମିତ୍ତ ଅଟୋଚାଳକ ସଂଘ ସହ ଏକ ବୈଠକ ଆରକ୍ଷୀ ଅଧିକ୍ଷକ, ପୁରୀଙ୍କ ଅଧ୍ୟକ୍ଷତାରେ କରାଯିବ ।

♦ ପ୍ରତି ବସ୍‌ରେ ଯେପରି ପ୍ରାଥମିକ ଚିକିତ୍ସା ଏବଂ ପାନୀୟଜଳ ଉପଲବ୍ଧ ହେବ ତାହାର ବ୍ୟବସ୍ଥା କରାଯିବ ।

ପ୍ରତିବସ୍‌ରେ **Rate Chart** ଲଗାଯିବ ।

♦ ଟାଉନ୍ ବସ୍ ଗୁଡ଼ିକର ରହଣୀ ସ୍ଥାନ ଗୁଡ଼ିକରେ ସୂଚନାଫଳକ ଲଗାଯିବା ବ୍ୟବସ୍ଥା କରାଯାଉଛି ।

♦ ୨୦ଗୋଟି **E-Auto Rickshaw** ଗଦାଧର ହାଇସ୍କୁଲ ଠାରେ ରହି ଉଚ୍ଚ ପଦାଧିକାରୀଙ୍କ ଯାତାୟତ ନିମନ୍ତେ ମୁତୟନ କରାଯିବ ।

- ଭିନ୍ନକ୍ଷମଙ୍କ ପାଇଁ ଜଗନ୍ନାଥ ବଲ୍ଲଭ ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ **E- Auto Rickshaw**ର ବ୍ୟବସ୍ଥା **District Social Secarity Officer** ପୂର୍ବ ବର୍ଷମାନଙ୍କ ପରି ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ : ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ/ DSSO/*
*ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ)*

## ୬. ରେଳପଥରେ ପରିବହନ ବ୍ୟବସ୍ଥା :

- ୩୫ ଗୋଟି ଟିକେଟ୍ କାଉଣ୍ଟର ପୁରୀ ସହର ମଧ୍ୟରେ ଖୋଲାଯିବ ।
- ରେଳଷ୍ଟେସନରେ **C-C-TV Camera** ଲଗାଯିବ ଏବଂ ଖୋର୍ଦ୍ଧା-ଜଟଣୀ ରେଳ ଷ୍ଟେସନରେ **C-C-TV Camera** ର ବ୍ୟବସ୍ଥା କରିବାକୁ ରେଳବାଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଗଲା ।
- ଅତିରିକ୍ତ ଟିକେଟ୍ କାଉଣ୍ଟର ପୁରୀ ସହର ବ୍ୟତୀତ ସମସ୍ତ ରେଳଷ୍ଟେସନ୍‌ରେ ଖୋଲାଯିବ ।
- ୫ ଗୋଟି ଇନକ୍ୱାରୀ କାଉଣ୍ଟର ବ୍ୟବସ୍ଥା କରାଯାଉଛି ଏବଂ ୪ଗୋଟି 'ମେ ଆଇ ହେଲପ୍ ୟୁ' କାଉଣ୍ଟର ଖୋଲାଯିବ । ରେଳ ଷ୍ଟେସନରେ ଫୁଡ୍ ଷ୍ଟଲ୍ ଖୋଲାଯିବାର ବ୍ୟବସ୍ଥା କରାଯାଇଛି ।
- ସମ୍ଭାବ୍ୟ ଦଳାଚକଟାକୁ ଏଡାଇବା ପାଇଁ ରଥ ସରିଲାପରେ ଯାତ୍ରୀମାନେ ଯେପରି ସୁବିଧାରେ ଟ୍ରେନରେ ଯାଇପାରିବେ ତାହାର ସମୟ ସୂଚିକା ପ୍ରସାର, ପ୍ରଚାର କରିବାକୁ କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନୀରିକ୍ଷକ ପରାମର୍ଶ ଦେଇଥିଲେ ।
- ୧୩୭ ଗୋଟି ସ୍ପେଶାଲ ଟ୍ରେନ ଶ୍ରୀଗୁଣ୍ଡିଚା ଠାରୁ ବାହୁଡା ପର୍ଯ୍ୟନ୍ତ ଚଳାଚଳ କରିବେ ।
- ବିଭିନ୍ନ ରେଳ ଷ୍ଟେସନରେ ମଧ୍ୟ ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେସିନ୍‌ର ବ୍ୟବସ୍ଥା କରାଯାଇଛି ।
- ପୁରୀ ରେଳ ଷ୍ଟେସନ୍‌ରେ ଶାନ୍ତିଶୃଙ୍ଖଳା ଓ ଯାତ୍ରୀ ମାନଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକ **G.R.P, R.P.F, Scout & Guide** ମୁତୟନ ରହିବେ ।
- ଯାତ୍ରୀ ମାନଙ୍କର ସୁବିଧା ନିମନ୍ତେ ୫ଗୋଟି ଇନକ୍ୱାରି କାଉଣ୍ଟର କାର୍ଯ୍ୟ କରିବ । ଜଣେ ଅଫିସର ଗାଡ଼ି ଗୁଡ଼ିକର ଯିବା ଆସିବା ସୂଚନା ଦେବା ନିମନ୍ତେ ସିଂହଦ୍ୱାରରେ ଉପସ୍ଥିତ ରହିବେ ।
- ରେଳ ଷ୍ଟେସନ୍ ଅଞ୍ଚଳରେ ପାଣି, ଖାଦ୍ୟ ଇତ୍ୟାଦିର ବ୍ୟବସ୍ଥା ହୋଇଛି ।
- ମେଳା ସେଡ୍ ରେଲୱେ ବିଭାଗ ନିର୍ମାଣ କରିଛନ୍ତି ଓ ଉକ୍ତ ମେଳା ସେଡ୍‌ରେ ପାଇଖାନା, ପାନୀୟ ଜଳର ସୁବିଧା ଉପଲବ୍ଧ ହେବ ।
- ବୃଦ୍ଧ ଏବଂ ଦିବ୍ୟାଙ୍ଗମାନଙ୍କ ଯାତାୟତ ନିମନ୍ତେ ସ୍ୱତନ୍ତ୍ର ଟିକେଟ କାଉଣ୍ଟର ଏବଂ ବ୍ୟାଟେରୀ ଚାଳିତ ଗାଡ଼ିର ବ୍ୟବସ୍ଥା ରେଳ ଷ୍ଟେସନଠାରେ କରାଯାଉଛି ।
- ରେଳ ଚଳାଚଳ ସୂଚୀକା ଫଳକ ପୁରୀ ସହର ପ୍ରମୁଖ ସ୍ଥାନରେ ଲଗାଯିବାର ବ୍ୟବସ୍ଥା କରାଯାଉଛି ।
- ଜଗୁଆଳୀ ବିହୀନ ଲେବୁଲ୍ କ୍ରସିଂ ଠାରେ ଜଗୁଆଳି ମୁତୟନ ନିମନ୍ତେ ରେଳବାଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଗଲା ।

- ପ୍ରତିବର୍ଷ ରଥଯାତ୍ରାକୁ ଦୃଷ୍ଟିରେ ରଖି ଆବଶ୍ୟକ ଜ୍ୟାକ୍ ଓ କର୍ମଚାରୀ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ।
- ନିଶାଦେଇ ଲୋକଙ୍କୁ ଲୁଟ୍ କରାଯାଉଥିବାରୁ ସେଥିପ୍ରତି ସତର୍କତା ଅବଲମ୍ବନ କରାଯିବା ସହ ଟ୍ରେନ୍‌ରେ ସମସ୍ତ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

*(କାର୍ଯ୍ୟାନୁଷ୍ଠାନ : ଡିଭିଜନ୍ ରେଲୱେ ମ୍ୟାନେଜର, ଖୋର୍ଦ୍ଧାରୋଡ୍/ ଆରକ୍ଷୀ ଅଧୀକ୍ଷକ, ପୁରୀ / ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ / ପର୍ଯ୍ୟଟନ ଅଧିକାରୀ , ପୁରୀ/ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ )*

## ୭. ରାସ୍ତାଘାଟ ମରାମତି :

ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ପୁରୀ ମ୍ୟୁନିସପାଲଟି, ଜାତୀୟ ରାଜପଥ ଓ ପୂର୍ତ୍ତବିଭାଗ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଜ ନିଜ ରାସ୍ତା ଗୁଡ଼ିକୁ ଯାଞ୍ଚ କରିଛନ୍ତି ଏବଂ ଆବଶ୍ୟକ ସ୍ଥଳେ ମରାମତି କରି ସଡ଼କପଥକୁ ସୁଗମ କରାଯାଉଛି । ପୁରୀ ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଗୁଡ଼ିକର ଆବଶ୍ୟକୀୟ ମରାମତି କାର୍ଯ୍ୟ କରିବେ । ରାସ୍ତାକୁ ପୂର୍ତ୍ତବିଭାଗ ଏବଂ ପୌରସଂସ୍ଥା, ପୁରୀ ଯୁଦ୍ଧ କାଳିନ ଭିତ୍ତିରେ ଶେଷ କରିବା ପାଇଁ ପରାମର୍ଶ ଦିଆଗଲା ।

ଜାତୀୟ ରାଜପଥରୁ ମୃତ ପଶୁ ଯଥା କୁକୁର ଇତ୍ୟାଦିଙ୍କୁ ତୁରନ୍ତ ଅପସାରଣ ଏବଂ **NHAI** ର ଏକ ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ କରିବାକୁ ବୈଠକରେ **P.D. NHAI** ଙ୍କୁ ପରାମର୍ଶ ଦିଆଗଲା ।

- ଆରକ୍ଷୀ ଅଧିକ୍ଷକ ଗାଡ଼ିଗୁଡ଼ିକର ପାର୍କିଂ ଯାଗା ସମ୍ବନ୍ଧେ ତଥ୍ୟ ପ୍ରଦାନ କରିବେ । ତତ୍‌ପରେ ତଦନୁଯାୟୀ ପାର୍କିଂ ସ୍ଥାନ ଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ **R & B** ଓ ପୌରସଂସ୍ଥା ଦ୍ୱାରା କରାଯିବ ।
- ଭୁଦାନ-ଆଇ.ଟି.ଆଇ ଛକ ରାସ୍ତାରେ ରଥଯାତ୍ରା / ବାହୁଡ଼ା/ ସୁନାବେଶ ଦିନ ଚାଲିଚାଲି ଯାଉଥିବା ଯାତ୍ରୀ ଓ ଫେରନ୍ତ ଗାଡ଼ି ମୋଟର ଯାନର ପ୍ରବଳ ଭିଡ଼ ଜମୁଥିବାରୁ ଏହି ରାସ୍ତାର ତୁରନ୍ତ ଉନ୍ନତିକରଣ ଅଗ୍ରାଧିକାର ଭିତ୍ତିରେ କରିବାକୁ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦିଆଗଲା ।
- ନିର୍ବାହୀ ଯନ୍ତ୍ରୀ **N.H.** ସିଂହଦ୍ୱାର ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ମରାମତି **୧୦.୦୬.୨୦୨୨**ରିଖ ସୁଦ୍ଧା ସମାପ୍ତ କରିବେ ଏବଂ ଧଳା ଏନାମେଲ ରଙ୍ଗ କରିବେ । ସିଂହଦ୍ୱାର ଓ ଗୁଣ୍ଡିଚା ମନ୍ଦିର ପାଖରେ ରଥ ରହିବା ସ୍ଥାନକୁ ଧଳା ଏନାମେଲ ରଙ୍ଗରେ ନିରୂପିତ କରିବେ ।

## ୮. ପାର୍କିଂ ବ୍ୟବସ୍ଥା :

ରଥଯାତ୍ରା ସମୟରେ ଅଧିକ ଯାତ୍ରୀବାହୀ ୨ଚକିଆ, ୪ଚକିଆ ଯାନର ଆଗମନକୁ ଦୃଷ୍ଟିରେ ରଖି ଗାଡି ଗୁଡ଼ିକର ପାର୍କିଂ ନିମନ୍ତେ ବିହିତ ବ୍ୟବସ୍ଥା ଏବଂ ସୁଗତିଶୀଳତା ଯୋଜନା ପ୍ରସ୍ତୁତ କରିବା ପାଇଁ ଆରକ୍ଷୀ ଅଧିକ୍ଷକ, ପୁରୀଙ୍କୁ ପରାମର୍ଶ ଦିଆଗଲା । ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ଭାରିଯାନ ଗୁଡ଼ିକର ପାର୍କି ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ କରାଯିବ । ଅନ୍ୟବର୍ଷ ମାନଙ୍କ ପରି ତାଳବଣିଆରେ ବିଶିଷ୍ଟ ଦିନ ମାନଙ୍କରେ ଭାରିଯାନ ପାର୍କିଂ କରିବେ ଓ ସାଧାରଣ ଦିନ ମାନଙ୍କରେ ପୁରୀ ବସଷ୍ଟାଣ୍ଡ୍‌ରେ ପାର୍କିଂ ହେବ । ୨୩ଗୋଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଉଅଛି ।

*(କାର୍ଯ୍ୟାନୁଷ୍ଠାନ : ଆରକ୍ଷୀ ଅଧିକ୍ଷକ, ପୁରୀ / ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ ପୂର୍ତ୍ତବିଭାଗ, ପୁରୀ)*

## ୯. ପରିମଳ ବ୍ୟବସ୍ଥା :

### କ) ପୌରସଂସ୍ଥା :-

ଚଳିତ ବର୍ଷ ରଥଯାତ୍ରାରେ ଲକ୍ଷାଧିକ ଭକ୍ତ/ଯାତ୍ରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ସହରର ପରିମଳ ବ୍ୟବସ୍ଥାକୁ ସୂଚାରୁରୂପେ ସମ୍ପାଦନ କରିବା ନିମନ୍ତେ ନିର୍ବାହୀ ଅଧିକାରୀ, ପୁରୀ ପୌର ପରିଷଦ ଅତ୍ୟଧିକ ଯତ୍ନବାନ ହେବା ପାଇଁ ବୈଠକରେ ମାନ୍ୟବର ଆଇନ୍‌ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

- ବର୍ତ୍ତମାନ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦାରଖ କମିଟି ଗଠନ କରାଯାଇ ପୁରୀ ପହରର ସମସ୍ତ ଛୋଟ ବଡ଼ ନାଳ ସଫେଇ କାର୍ଯ୍ୟ ଚାଲୁରହିଛି ଏବଂ ଏହା ଯଥାଶୀଘ୍ର ସରିବ ବୋଲି ନିର୍ବାହୀ ଅଧିକାରୀ ପୁରୀ ପୌରସଂସ୍ଥା ପ୍ରକାଶ କରିଥିଲେ ।

- ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ନାଳ, ବଡଶଙ୍ଖ, ରେଡକ୍ରସ ରୋଡ୍ ଠାରେ ବାଙ୍କିବୁହାଣ ମୁଖ୍ୟ ନାଳ ଗୁଡ଼ିକ ସଫା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜାଲିଗୁଡ଼ିକ ନିୟମିତ ଭାବରେ ସଫା କରାଯିବ । ତା' ପାଇଁ ଆବଶ୍ୟକ ସ୍ଥଳେ କର୍ମଚାରୀ ମୁତୟନ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା ।

- ପୁରୀ ବଡ଼ଦାଣ୍ଡରେ ୧୪ଗୋଟି ଜାଗାରେ ବର୍ଷାଜଳ ଜମୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଅଧିକ ପମ୍ପ ସେଟ୍ ସର୍ବଦା ମୁତୟନ ରହିବ । ପମ୍ପସେଟ୍ ରହୁଥିବା ସମସ୍ତ ସ୍ଥାନରେ କର୍ମଚାରୀ ମୁତୟନ କରାଯିବ । ଉକ୍ତ କାର୍ଯ୍ୟରେ ପୌରସଂସ୍ଥାର ୨ଜଣ ଅଧିକାରୀ ଦାୟିତ୍ୱରେ ରହିବେ ।

- ପୁରୀ ସହର ତଥା ବଡ଼ଦାଣ୍ଡ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଇତ୍ୟାଦି ସ୍ଥାନକୁ ଦୈନିକ ସଫା ସୁତୁରା ରଖିବା ନିମନ୍ତେ ଅଧିକ କର୍ମଚାରୀ ମୁତୟନ ବ୍ୟବସ୍ଥା କରିବାକୁ ବୈଠକରେ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥାଙ୍କୁ ପରାମର୍ଶ ଦିଆଗଲା ।

- ନାଳ ଉପରେ ଥିବା କେତେକ ଜବରଦଖଲକୁ ଉଚ୍ଛେଦ କରି ନାଳ ସଫା କରାଯିବ ଏବଂ ଆବଶ୍ୟକ ଜାଗାରେ ସ୍ଲାବ୍ ପକାଇବା ପାଇଁ ନିର୍ବାହୀ ଅଧିକାରୀ, ପୌରସଂସ୍ଥା ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଗଲା । ଯେଉଁ ଅଞ୍ଚଳ ଅବରୋଧ ମୁକ୍ତ କରାଯାଉଛି ତାହା ଯେପରି ପୁନର୍ବାର ଅବରୋଧ ନ ହୁଏ ଓ ଏଥିରେ କୌଣସି ତୃଟି ବିଚ୍ୟୁତ ନହୁଏ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ଆୟୁକ୍ତ, କଟକ ପରାମର୍ଶ ଦେଇଥିଲେ ।

- ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ଉଠାଦୋକାନୀ ଏବଂ ବଡ଼ ଦାଣ୍ଡ ଉଭୟ ପାର୍ଶ୍ୱନାଳ ଉପରେ ଥିବା ଉଠାଦୋକାନୀଙ୍କୁ ଅପସାରଣ କାର୍ଯ୍ୟ ଚାଲିଛି ।

- ପୁରୀ ସହରର ସାହି ଗଳି ରାସ୍ତାଗୁଡ଼ିକ ୨ଦଫାରେ ସଫା କରିବା ପାଇଁ ଆବଶ୍ୟକ ସଫେଇ କର୍ମଚାରୀ ମୁତୟନ କରାଯାଇଛି ।

- ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ତଥା ସମୁଦ୍ରକୂଳ ଜାଗାକୁ ଜାଗୃତି ସଂସ୍ଥା ଯେପରି ଭଲ ଭାବରେ ପରିଷ୍କାର ରଖିବେ ତାହା ନିର୍ବାହୀ ଅଧିକାରୀଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ବୈଠକରେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

- ଅସ୍ଥାୟୀ ପାଇଖାନା-ଗାର ରଥଯାତ୍ରା ନିମନ୍ତେ ବ୍ୟବସ୍ଥା ହୋଇଛି । ଏହାର ପ୍ରତ୍ୟେହ ପରିଷ୍କାର କାର୍ଯ୍ୟ ନିମିତ୍ତ ଆବଶ୍ୟକ ସଫେଇ କର୍ମଚାରୀ ମୁତୟନ କରାଯିବ ।
- ବଡଦାଣ୍ଡରୁ ଉଠାଦୋକାନୀଙ୍କୁ ରଥଯାତ୍ରା ପୂର୍ବରୁ ଅପସାରଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।
- ଅସ୍ଥାୟୀ ପାଇଖାନାର ବ୍ୟବସ୍ଥା ପୌରସଂସ୍ଥା, ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ କରିବାକୁ ବୈଠକରେ ପରାମର୍ଶ ଦିଆଗଲା ।
- ବଡଦାଣ୍ଡରୁ ଗାଈଗୋରୁମାନଙ୍କୁ ତା ୧୩.୦୬.୨୦୨୨ରିଖ ସୁଧା ଅପସାରଣ କରାଯିବ ଏବଂ ତାଙ୍କର ସ୍ୱାସ୍ଥ୍ୟ, ଖାଦ୍ୟ, ପାନୀୟ ଇତ୍ୟାଦି ଜିଲ୍ଲା ପଶୁଧନ ଅଧିକାରୀ ବ୍ୟବସ୍ଥା କରିବେ ।

## (ଖ) ସ୍ୱରେଜ୍ କାର୍ଯ୍ୟ :

ଚଳିତ ବର୍ଷ ରଥଯାତ୍ରା ସମୟରେ ଯେପରି କୌଣସି ମ୍ୟାନ୍‌ହୋଲ୍ ଚାମ୍ବରରୁ ମଇଳା ପାଣି ରୋଡ୍ ଉପରକୁ ନିର୍ଗତ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ବୈଠକରେ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟ ତଦାରଖ କରିବା ନିମନ୍ତେ ଆବଶ୍ୟକ କର୍ମଚାରୀ, ଯନ୍ତ୍ରୀ ମୁତୟନ କରିବେ । ଚଳିତ ବର୍ଷ ରଥଯାତ୍ରାରେ ଅସ୍ଥାୟୀ ଓ ଉଠା ପାଇଖାନାର ବ୍ୟବସ୍ଥା କରାଯାଉଛି । ଉକ୍ତ ପାଇଖାନା ଗୁଡ଼ିକ ସ୍ୱରେଜ୍ ପାଇପ୍ ଲାଇନ୍ ସଂଯୋଗ ନିମନ୍ତେ ପୌରନିର୍ବାହୀ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ WATCO ଓ ଜନସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ । ରାସ୍ତାରେ ଦବି ଯାଇଥିବା ମ୍ୟାନ୍‌ହୋଲ୍ ଚାମ୍ବରକୁ ତୁରନ୍ତ ସମତୁଲ କରିବେ । ପୁରୀ ସହରର ସମସ୍ତ ସାହି, ଗଳି ରାସ୍ତାକୁ ପ୍ରତ୍ୟେହ ସଫା କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

*(କାର୍ଯ୍ୟାନୁଷ୍ଠାନ : ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ / ନିର୍ବାହୀଯନ୍ତ୍ରୀ, ଜନସ୍ୱାସ୍ଥ୍ୟ/ ଜାତୀୟ ରାଜପଥ ନିର୍ବାହୀ ଅଧିକାରୀ, ପୁରୀ ପୌର ପରିଷଦ/ ସେକ୍ରେଟାରୀ ରେଡକ୍ରସ)*

## ୧୦. ଶାନ୍ତି ଶୃଙ୍ଖଳା ରକ୍ଷା :

ବିଗତ ବର୍ଷଭଳି ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା, ନବଯୌବନ ଦର୍ଶନ, ଶ୍ରୀ ଗୁଣ୍ଡିଚା ଯାତ୍ରା, ସଂଧ୍ୟା ଦର୍ଶନ, ବାହୁଡା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ ଇତ୍ୟାଦି ମୁଖ୍ୟ ପର୍ବରେ ଆରକ୍ଷୀ ବନ୍ଦୋବସ୍ତ କରାଯାଉଥିବା ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଥିଲେ । ଶ୍ରୀଜିଉଙ୍କର ତିନିଗୋଟି ରଥ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ରହିଲା ପରେ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯିବ । ସମୁଦ୍ରତଟ ସୁରକ୍ଷା ନିମିତ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

ରଥଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ନିମ୍ନଲିଖିତ ବ୍ୟବସ୍ଥା ଗୁଡିକ ଗ୍ରହଣ କରାଯିବ ।

କ) ଶ୍ରୀ ମନ୍ଦିର ଓ ଗୁଣ୍ଡିଚା ମନ୍ଦିରର ସୁରକ୍ଷା ନିମନ୍ତେ ଶ୍ରୀ ମନ୍ଦିର, ଗୁଣ୍ଡିଚା ମନ୍ଦିର ଏବଂ ବଡଦାଣ୍ଡରେ ଥିବା ସି.ସି. ଟିଭି କ୍ୟାମେରା ମାଧମରେ ଅପରାଧ ନିୟନ୍ତ୍ରଣ କରାଯିବ ।

ଖ) ଯାତ୍ରୀ ମାନଙ୍କର ସୁରକ୍ଷା ବ୍ୟବସ୍ଥା, ଯାତ୍ରା ଦିନମାନଙ୍କର ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ନିମନ୍ତେ ସଂକୀର୍ତ୍ତନ ଦଳକୁ ମରିଚି କୋଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ପ୍ରବେଶ ଅନୁମତି ଦିଆଯିବ ନାହିଁ ।

ଗ) କର୍ଡନ ପାଖରେ ଲୋକ ଜନସମାଗମ ହେଉଥିବାରୁ କୌଣସି ଅଘଟଣ/ ଦୁର୍ଘଟଣାକୁ ଏଡାଇବା ପାଇଁ ଜରୁରୀ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଦୋଳବେଦୀ ପର୍ଯ୍ୟନ୍ତ ଏକ ନିସ୍ତାର ପାଇବା ରାସ୍ତା **(Escape Route)** କରାଯିବ ।

ଘ) ଆରକ୍ଷୀ ଅଧିକ୍ଷକ ଜଣାଇଲେ ଯେ ଚଳିତବର୍ଷ ରଥଯାତ୍ରା ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ସହ ଉନ୍ନତ ପାର୍କିଂ ବ୍ୟବସ୍ଥା କରାଯିବ ।

ଙ) ଶବ ନେଇଯାଉଥିବା କୌଣସି ଗାଡି ବା ଆମ୍ବୁଲାନ୍ସ ସିଂହଦ୍ୱାର ଦେଇ ନେଇ ଯାଇପାରିବେ ନାହିଁ ଏବଂ ସେହି ଗାଡିଗୁଡିକ **V.I.P** ରୋଡ ଦେଇ ସ୍ୱର୍ଗଦ୍ୱାର ଯିବେ ।

ଚ) ରଥଯାତ୍ରା, ସୁନାବେଶ ସମୟରେ ଆସୁଥିବା **V.I.P** ଗାଡି ଗୁଡିକର ପାର୍କିଂ ପାଇଁ ସୁବ୍ୟବସ୍ଥା କରିବା ନିମନ୍ତେ ଆରକ୍ଷୀ ଅଧିକ୍ଷକଙ୍କୁ ପରାମର୍ଶ ଦିଆଯାଇଥିଲା ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/*
*ନିର୍ବାହୀ ଅଧିକାରୀ ପୁରୀ ପୌରସଂସ୍ଥା)*

## ୧୧. ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ :

କ) ରଥଯାତ୍ରା ସମୟରେ ଯାତ୍ରୀ ମାନଙ୍କୁ ଓ ସହରର ଖାଉଟି ମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଦ୍ରବ୍ୟ ମହଜୁଦ୍ ରଖି ସୁବଂଟନ ବ୍ୟବସ୍ଥାର ତଦାରଖ କରିବା ନିମନ୍ତେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା ।

ସମସ୍ତ ପେଟ୍ରୋଲ ପମ୍ପଗୁଡ଼ିକ ଯାତ୍ରା ଦିବସମାନଙ୍କରେ ଅହୋରାତ୍ର ଖୋଲାରହିବ ଏବଂ ସେଠାରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ପ୍ରୋତ୍ସାହିତ କରାଯିବ ଏବଂ ଅପମିଶ୍ରଣ ନିରାକରଣ ନିମନ୍ତେ ବ୍ୟବସ୍ଥା କରାଯିବ ।

**Enforcement Squard** ଗଠନ କରି ଦରଦାମ ବୃଦ୍ଧି ରୋକିବା ସହ ଅପମିଶ୍ରଣ ନିରାକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବୈଠକରେ ଜିଲ୍ଲାଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ)*

(ଖ) ଜାଳେଣୀ କାଠ : ଓଡ଼ିଶା ବନବିଭାଗ ତରଫରୁ ପୁରୀ ସହରରେ ଜାଳେଣୀକାଠ ଓ ସ୍ୱର୍ଗଦ୍ୱାର ନିମନ୍ତେ ଯଥେଷ୍ଟ ପରିମାଣର କାଠ ମହଜୁଦ୍ ରଖାଯିବ ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲା ଡିଭିଜନାଲ ମ୍ୟାନେଜର୍, ବନବିଭାଗ, ପୁରୀ)*

## ୧୨. ଟେଲିଫୋନ୍ ସେବା

ଚଳିତବର୍ଷ ରଥଯାତ୍ରାକୁ ବିଗତ ବର୍ଷ ମାନଙ୍କ ତୁଳନାରେ ଅଧିକ ଯାତ୍ରୀଙ୍କର ସମାଗମକୁ ଦୃଷ୍ଟିରେ ରଖି ଉତ୍ତମ ତାର ସେବା ଯୋଗାଇ ଦେବା ନିମନ୍ତେ ବଡଦାଣ୍ଡରେ ନୂତନ ଟାୱାର ବସାଯାଇଛି । ଆଉ ନେଟ୍‌ୱର୍କ ଅସୁବିଧା ହେବ ନାହିଁ ବୋଲି ଟେଲିଫୋନ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ରଥଯାତ୍ରା ସମୟରେ ମୋବାଇଲ ଟେଲିଫୋନ୍ ବିନା ବାଧାରେ କାର୍ଯ୍ୟକ୍ଷମ ନିମନ୍ତେ ପଦକ୍ଷେପ ନେବେ ଏବଂ **Wi-fi, COW (Cell on wheel)** ର ବ୍ୟବସ୍ଥା କରିବାକୁ ବୈଠକରେ ସ୍ଥିର କରାଗଲା । ଘରୋଇ ସଂସ୍ଥାମାନଙ୍କୁ ମଧ୍ୟ

ନେଟୱାର୍କ ସଂପ୍ରସାରଣ ଅନୁମତି ଦିଆଯିବ । ଯେଉଁ କୋଠାରେ ଏବଂ ସାହିରେ ବିପଦ ଶଙ୍କୁଳ ଅବସ୍ଥାରେ ଟେଲିଫୋନ୍ ଟାୱାର ଗୁଡ଼ିକ ଅଛି, ସେଗୁଡିକୁ ଉଚ୍ଛେଦ କରିବାକୁ ବୈଠକରେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

*(କାର୍ଯ୍ୟାନୁଷ୍ଠାନ : ଡିଭିଜନାଲ ମ୍ୟାନେଜର, ଦୂରଭାଷ)*

## ୧୩. (କ) ସୂଚନା ଓ ପ୍ରସାର/ ପର୍ଯ୍ୟଟନ/ସାଂସ୍କୃତିକ ବ୍ୟବସ୍ଥା

ରଥଯାତ୍ରା ସମୟରେ ସୂଚନା ଓ ଲୋକସଂପର୍କ ବିଭାଗ ଓ ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର ବିଭାଗ ତରଫରୁ ସଂପୃକ୍ତ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବେ ।

- ଭୁବନେଶ୍ୱର ଦୂରଦର୍ଶନ ସଂସ୍ଥା ଓ କଟକ ଆକାଶବାଣୀ ସଂସ୍ଥା ଦ୍ୱାରା ଚଳିତବର୍ଷ ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ବ୍ୟବସ୍ଥା କରାଯାଉଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆବଶ୍ୟକ ସ୍ଥାନକୁ ବ୍ୟବହାର ପାଇଁ ଅନୁମତି ଦେବେ ।
- ଅନ୍ୟାନ୍ୟ ଗଣମାଧ୍ୟମରେ ସୂଚନା ପ୍ରସାରଣ ସେବା ଯୋଗାଇ ଦିଆଯିବା ସମ୍ବନ୍ଧରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୧୧ଗୋଟି ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନର ବ୍ୟବସ୍ଥା କରାଯିବା ସହିତ ପାର୍କିଂସ୍ଥାନ, ଆଶ୍ରୟସ୍ଥଳି ଇତ୍ୟାଦି ପ୍ରମୁଖ ସ୍ଥାନରେ ସୂଚନା କେନ୍ଦ୍ର ଖୋଲାଯିବ ।
- ଯାତ୍ରୀମାନଙ୍କର ମନୋରଞ୍ଜନ ନିମନ୍ତେ ପ୍ରତ୍ୟେକ ସନ୍ଧ୍ୟାରେ ସମସ୍ତ ସୂଚନା କେନ୍ଦ୍ରରେ ପାଲା, ଦାଶକାଠିଆ, ଘୋଡାନାଚ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ କରାଯିବ ।
- ଉତ୍କଳ ପ୍ରସଙ୍ଗ / ଓଡ଼ିଶା ରୁଭ୍ୟୁ / ଓଡିଶା ରେଫରେନ୍ସ ଆନୁଆଲ ପୁସ୍ତକ ବିକ୍ରୟ ଏବଂ ରଥଯାତ୍ରା ଗାଇଡ୍ ବୁକ୍ ଓ ଲିଫ୍‌ଲେଟ୍ ମାଗଣାରେ ବଣ୍ଟନର ବ୍ୟବସ୍ଥା କରାଯିବ ।
- ଭଜନ ଓ ପ୍ରବଚନ ପରିବେଷଣର ବ୍ୟବସ୍ଥା କରାଯିବ ।
- ଏତଦ୍‌ବ୍ୟତୀତ ରଥଯାତ୍ରା, ବାହୁଡାଯାତ୍ରା, ସୁନାବେଶ ସିଧାପ୍ରସାରଣ ନିମିତ୍ତ ସଂସ୍ଥାଗୁଡ଼ିକ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଧିନରେ ଦରଖାସ୍ତ କରିବେ ।
- ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ସିଧାପ୍ରସାରଣ ଧାରାବିବରଣୀ ଇତ୍ୟାଦି ନିମିତ୍ତ ବିଭିନ୍ନ ଟିଭି ଚ୍ୟାନେଲମାନଙ୍କୁ ନେଇ ଏକ ବୈଠକ କରାଯିବ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉକ୍ତ ବୈଠକ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ଏବଂ କେଉଁ ଜାଗାରେ କେଉଁ ସଂସ୍ଥା ରହି କାର୍ଯ୍ୟ କରିବେ ତାହା ଉକ୍ତ ବୈଠକରେ ସ୍ଥିର କରାଯିବ । **OB Van** ରହିବା ଯାଗା ମଧ୍ୟ ସ୍ଥିର କରାଯିବ ।
- ସମୁଦ୍ର ଆଳତୀ କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରାଯିବ । ଉକ୍ତ ସ୍ଥାନରେ ଭଜନ, ପ୍ରବଚନ ଆଦିର ବ୍ୟବସ୍ଥା ଜିଲ୍ଲା ସଂସ୍କୃତି ସମିତି (**Dist. Cultural Society**) ତରଫରୁ କରାଯିବ ।

*(କାର୍ଯ୍ୟାନୁଷ୍ଠାନ : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୁରୀ)*

## (ଖ) ପର୍ଯ୍ୟଟନ :

ଚଳିତବର୍ଷ ରଥଯାତ୍ରା ସମୟରେ ମାଳତୀପାଟପୁର, ଶରଧାବାଲି ଓ ତାଳବଣିଆ, ରେଳଷ୍ଟେସନ, ମହୋଦଧି ନିବାସ, ପାନ୍ଥନିବାସ ଠାରେ ପର୍ଯ୍ୟଟନ ବିଭାଗ ତରଫରୁ ସୂଚନା କେନ୍ଦ୍ର ପ୍ରତିଷ୍ଠିତ କରାଯିବ ଏବଂ **O.T.D.C.** ତରଫରୁ **Special Package Tour Bus** ଭୁବନେଶ୍ୱରରୁ କୋଣାର୍କ ପୁରୀ ପର୍ଯ୍ୟନ୍ତ ଯାତାୟତ କରିବ । ୩୦୫ ଲାଇଫ୍ ଗାର୍ଡଙ୍କ ପାଇଁ ପୋଷାକ ବ୍ୟବସ୍ଥା ହୋଇଛି । ବିଚ୍ ଉନ୍ନୟନ କମିଟି ତରଫରୁ ୧୦୦ଜଣ ଲାଇଫ୍ ଗାର୍ଡଙ୍କୁ ଶ୍ରୀଗୁଣ୍ଡିଚା, ବାହୁଡା ଓ ସୁନାବେଶ ଦିବସରେ ମୁତୟନ କରାଯିବ । ଏତଦ୍‌ବ୍ୟତୀତ ରଥଯାତ୍ରା ନିମିତ୍ତ ଆସୁଥିବା ପୁରୀ ବାହାର ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କ ରହଣୀ ବ୍ୟବସ୍ଥା ବୃନ୍ଦାବତୀ ନିବାସ ଠାରେ ତୁରନ୍ତ କରିବାକୁ ବୈଠକରେ ପରାମର୍ଶ ଦିଆଗଲା ।

*(ଜିଲ୍ଲା ପର୍ଯ୍ୟଟନ ଅଧିକାରୀ/ସଂସ୍କୃତି ଅଧିକାରୀ/*
*ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପୁରୀ)*

## (ଗ) ସାଂସ୍କୃତିକ କାର୍ଯ୍ୟକ୍ରମ :

ରଥଯାତ୍ରା ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ଲୋକନୃତ୍ୟ, ଲୋକସଂଗୀତ ଓଡ଼ିଶୀ ଭଜନ, ଦାସକାଠିଆ, ପାଲା, ଗିତିନାଟ୍ୟ, ଘୋଡାନାଚ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ହୋଇଛି । ଉକ୍ତ କାର୍ଯ୍ୟ ଯେପରି ଆକର୍ଷଣୀୟ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସଂସ୍କୃତି ଅଧିକାରୀଙ୍କୁ ବୈଠକରେ ପରାମର୍ଶ ଦିଆଗଲା ।

## (ଘ) ଶିଶୁ ସୁରକ୍ଷା :

ରଥଯାତ୍ରା ସମୟରେ ବହୁଳ ପରିମାଣରେ ଜନସମାଗମକୁ ଦୃଷ୍ଟିରେ ରଖି ଶିଶୁମାନଙ୍କୁ ହଜିବା, ଖୋଜିବା ତଥା ସେମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ରଖିବା ଏବଂ ସେମାନଙ୍କୁ ପରିବାରକୁ ହସ୍ତାନ୍ତର କାର୍ଯ୍ୟ ପାଇଁ ଶିଶୁସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ପର୍ଯ୍ୟଟନ ଅଧିକାରୀ/*
*ସଂସ୍କୃତି ଅଧିକାରୀ /ଶିଶୁସୁରକ୍ଷା ଅଧିକାରୀ)*

## ୧୪. ପ୍ରଦର୍ଶନୀ :

ପ୍ରତିବର୍ଷ ପରି ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ପୁରୁଣ ଜେଲ ପ୍ରାଙ୍ଗଣରେ ଓ.ର.ମା.ସ ତରଫରୁ ରାଜ୍ୟ ତଥା ରାଜ୍ୟ ବାହାର କ୍ଷୁଦ୍ରଶିଳ୍ପ ଅନୁଷ୍ଠାନଙ୍କ ତରଫରୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା ଏବଂ ଏହା ରାତ୍ର ୧୧ଘଟିକା ପର୍ଯ୍ୟନ୍ତ ଜାରିରହିବ । ପ୍ରଦର୍ଶନୀ ପଡ଼ିଆରେ ମହିଳା ଶୌଚାଳୟ ଖୋଲିବା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ମେଳା ସମାପ୍ତିରେ ପଡ଼ିଆକୁ ସଫା କରିବା ଦାୟିତ୍ୱ ଓରମାସ ବହନ କରିବେ ।

*(କାର୍ଯ୍ୟାନୁଷ୍ଠାନ: ସଚିବ ଗଣଶିକ୍ଷା ବିଭାଗ ଭୁବନେଶ୍ୱର/*
*ନିର୍ବାହୀ ନିର୍ଦ୍ଦେଶକ ଓରମାସ ଭୁବନେଶ୍ୱର, ସଂସ୍ଥା, ପୁରୀ/*
*ଜିଲ୍ଲା ଶିଳ୍ପ କେନ୍ଦ୍ର, ପୁରୀ/ଡି.ଏସ୍.ଏମ୍.ଏସ୍., ପୁରୀ/ ନିର୍ବାହୀଯନ୍ତ୍ରୀ, ଜଳସେଚନ/*
*ସଚିବ ଓଡ଼ିଶା ଖଦିବୋର୍ଡ, ଭୁବନେଶ୍ୱର)*

୧୫. (କ) ସ୍ୱେଚ୍ଛାସେବା କାର୍ଯ୍ୟ:

ପୂର୍ବ ବର୍ଷ ପରି ଚଳିତ ବର୍ଷ ଯାତ୍ରା ଦିନମାନଙ୍କରେ ସ୍ୱେଚ୍ଛାସେବା କାର୍ଯ୍ୟ କରିବା ଓ ଯାତ୍ରୀମାନଙ୍କୁ ନିରାପତ୍ତା ଯୋଗାଇଦେବା ସହିତ ମନ୍ଦିର ପରିଷ୍କାର, ସହର ପରିମଳ, ଯାତ୍ରୀ ସୁରକ୍ଷା, ସମୁଦ୍ର ତଟ ପରିଷ୍କାର, ଯାତ୍ରୀମାନଙ୍କୁ ପାନୀୟଜଳ ଯୋଗାଣ ଓ ଦୁର୍ଘଟଣାଗ୍ରସ୍ତ ଯାତ୍ରୀମାନଙ୍କୁ ସେବା ଶୁଶ୍ରୂଷା କରିବା ନିମିତ୍ତ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଉଛି । ସମସ୍ତ ଅନୁଷ୍ଠାନ ନୋଡାଲ ଅଧିକାରୀଙ୍କ ତତ୍ତ୍ୱବଧାନରେ କାର୍ଯ୍ୟ ସମ୍ପାଦନ କରିବାକୁ ସ୍ଥିର କରାଯାଇଅଛି ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/ନିର୍ବାହୀ ଅଧିକାରୀ, ପୁରୀ, ପୌରସଂସ୍ଥା, ପୁରୀ/ନିର୍ବାହୀଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ/ **RWSS** ପୁରୀ/ ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ/ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପୁରୀ/ଡି.ସି.ପି., ପୁରୀ)*

(ଖ) ବଡ଼ଦାଣ୍ଡରୁ ବୁଲା ଗାଇ ଗୋରୁ ଷଣ୍ଢ ଅପସାରଣ :

ଚଳିତବର୍ଷ ରଥଯାତ୍ରା ସମୟରେ ଯାତ୍ରୀଙ୍କ ଅପସାରଣ ସୁରକ୍ଷା ନିମନ୍ତେ ବଡ଼ଦାଣ୍ଡରେ ବୁଲୁଥିବା ଗାଇଗୋରୁ ଷଣ୍ଢଙ୍କୁ ଅପସାରଣ କରି କାଞ୍ଜିଆହୁଦାରେ ଅଟକ ରଖିବା କାର୍ଯ୍ୟ ପୁରୀ ପୌରସଂସ୍ଥାଙ୍କୁ ବୈଠକରେ ନ୍ୟସ୍ତ କରାଗଲା । ସେମାନଙ୍କର ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟପନ୍ଥା ଜିଲ୍ଲା ପଶୁଧନ ଅଧିକାରୀ ତୁଲାଇବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା । ଏ ସଂକ୍ରାନ୍ତରେ ପଶୁଧନ ଅଧିକାରୀ ଏକ **Contigent Plan** କରି ରାଜ୍ୟ ସରକାରଙ୍କ ମଞ୍ଜୁର ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ । କାଞ୍ଜିଆହୁଦାରେ ବର୍ଷାପାଣି ନପଡ଼ିବା ପାଇଁ ବ୍ୟବସ୍ଥା କରାଯିବ । କୌଣସି ଗୋଟିଏ ଗୋରୁଙ୍କର ମୃତ୍ୟୁ ହେଲେ ସି.ଡି.ଭି.ଓ ଉତ୍ତରଦାୟୀ ରହିବେ ।

(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଅଧିକାରୀ, ପୁରୀ/ ପୌରସଂସ୍ଥା, ପୁରୀ/ଜିଲ୍ଲା ପଶୁଧନ ଅଧିକାରୀ)

(ଗ) ଅସୁରକ୍ଷିତ କୋଠା ଚିହ୍ନଟ :

ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ସମସ୍ତ କୋଠାଘରର ଛାତ ଗୁଡ଼ିକୁ ଆରକ୍ଷୀ ଅଧିକ୍ଷକ, ପୁରୀ, ଉପ-ଜିଲ୍ଲାପାଳ, ପୁରୀ ନିର୍ବାହୀ ଅଧିକାରୀ, ପୁରୀ, ପୌରସଂସ୍ଥା, ନିର୍ବାହୀ ଯନ୍ତ୍ରୀ, ରାସ୍ତା, ଓ ଗୃହନିର୍ମାଣ ବିଭାଗ, ତହସିଲଦାର, ପୁରୀ ମିଳିତ ଭାବେ ଯାଞ୍ଚ କରୁଛନ୍ତି ଏବଂ ଆବଶ୍ୟକ ସ୍ଥଳେ ଅସୁରକ୍ଷିତ କୋଠା ଗୁଡ଼ିକୁ ସିଲ୍ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ସ୍ଥିର କରାଗଲା । ତତ୍ ସଂଗେ ସଙ୍ଗେ ବେଆଇନ୍ ଟାୱାରଗୁଡ଼ିକୁ ଉଚ୍ଛେଦ କରିବା ନିମିତ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/ ଉପଜିଲ୍ଲାପାଳ, ପୁରୀ/ନିର୍ବାହୀ ଅଧିକାରୀ, ପୌରସଂସ୍ଥା/ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ/ତହସିଲଦାର, ପୁରୀ)*

## ୧୬. ଅନ୍ୟାନ୍ୟ

କ) ଚଳିତବର୍ଷ ରଥଯାତ୍ରା ସମୟରେ ଯାତ୍ରୀମାନଙ୍କୁ ବ୍ୟାଙ୍କ୍‌ସେବା ଯୋଗାଇବା ତଥା ଏ.ଟି.ଏମ୍. କାଉଣ୍ଟର ଗୁଡ଼ିକର ସୁବିଧା ଉପଲବ୍ଧ ହେବା ନିମନ୍ତେ ଲିଡ୍ ବ୍ୟାଙ୍କ ମ୍ୟାନେଜର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ସ୍ଥିର କରାଗଲା ଏବଂ ସମସ୍ତ ଏ.ଟି.ଏମ୍. ସଚଳ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ।

(ଖ) ରଥଯାତ୍ରା ସମୟରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସମସ୍ତ ସଂପୃକ୍ତ ବିଭାଗ ନିଜର ଆକସ୍ମିକ ବିପତ୍ତି ପରିଚାଳନା ଯୋଜନା **(Disaster Management Plan)** ପ୍ରସ୍ତୁତ କରିବେ ଏବଂ **Mock drill** କରିବା ପାଇଁ ଜିଲ୍ଲା ଆପଦକାଳୀନ ବିଭାଗ ଅଧିକାରୀ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ।

(ଗ) ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଆଦି ଯାତ୍ରା ଦିବସ ଉପଲକ୍ଷେ ପୁରୀ ସହର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଦ ଦୋକାନ ଗୁଡ଼ିକୁ ପୂର୍ବବର୍ଷ ମାନଙ୍କ ପରି ବନ୍ଦ ରଖିବା ପାଇଁ ଅବକାରୀ ଅଧିକ୍ଷକ, ପୁରୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିଶା ଦ୍ରବ୍ୟ ବିକ୍ରୟକୁ ନିଷିଦ୍ଧ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା ।

(ଘ) ପୁରୀ ସହରରେ ଥିବା ବରଫ ଫ୍ୟାକ୍ଟ୍ରି ଗୁଡ଼ିକରୁ ଆମୋନିଆଗ୍ୟାସ୍ ନିର୍ଗମିତ ସମ୍ବନ୍ଧେ ସଂପୃକ୍ତ ଅଧିକାରୀ ପ୍ରମାଣ ପତ୍ର ଦାଖଲ କରିବେ ।

(ଙ) ରଥଯାତ୍ରା ନିମନ୍ତେ ଆବଶ୍ୟକୀୟ ଅଗ୍ନିଶମ ଗାଡି ବିଭିନ୍ନ ସ୍ଥାନରେ ମୁତୟନ କରାଯିବ । ତୀର୍ଥ ପୁଷ୍କରିଣୀ ସମୁଦ୍ରକୂଳ ନିକଟରେ ଉଦ୍ଧାର କାର୍ଯ୍ୟ ପାଇଁ ଉଦ୍ଧାରକାରୀ ଦଳ, ଲାଇଫ୍ ଗାର୍ଡ ମୁତୟନ କରାଯିବ । ପ୍ରଚଣ୍ଡ ରୌଦ୍ର ତାପରୁ ଯାତ୍ରୀମାନଙ୍କ ରକ୍ଷା ନିମିତ ଥଣ୍ଡାଜଳ ସିଂଚନର ବ୍ୟବସ୍ଥା କରାଯିବା ।

(ଚ) ସମସ୍ତ ବିଭାଗୀୟ ଅଧିକାରୀ ରଥଯାତ୍ରା ସମୟରେ ନିଜ ନିଜ ପ୍ରକୋଷ୍ଠରେ କରିବେ ଏବଂ ଟାଉନ ଥାନା ରେ ନିଜ ବିଭାଗୀୟ ବ୍ୟକ୍ତି ବିଶେଷଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

(ଛ) ବଡ଼ଦାଣ୍ଡରୁ ପୋଡ଼ା ଦୀପ, ଛିଣ୍ଡାଚପଲ ଇତ୍ୟାଦିକୁ ତୁରନ୍ତ ସଫାକରିବା ନିମନ୍ତେ ନିର୍ବାହୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/*
*ନିର୍ବାହ ଅଧିକାରୀ/ ପୁରୀ ପୌରସଂସ୍ଥା/*
*ଲିଡ୍ ବ୍ୟାଙ୍କ ମ୍ୟାନେଜର/ ଅବକାରୀ ଅଧିକ୍ଷକ, ପୁରୀ)*

ପରିଶେଷରେ ରଥଯାତ୍ରାକୁ ଶୃଙ୍ଖଳିତ ଓ ସୂଚାରୁରୂପେ ସମାପନା କରିବା ନିମନ୍ତେ ଜିଲ୍ଲାପାଳ, ପୁରୀ, ସମସ୍ତଙ୍କ ସହଯୋଗ କାମନା କରିବା ସହ ପ୍ରକାଶ କରିଥିଲେ ଯେ ଜନମାନସର ଭାବାବେଗକୁ ଆଖିରେ ରଖି ମହାପ୍ରଭୁଙ୍କ କାର୍ଯ୍ୟପାଇଁ ମହତ୍ୱପୂର୍ଣ୍ଣ ପାଇଁ ଯୋଗଦାନ ସଂପର୍କରେ ସମସ୍ତ ଅଧିକାରୀ ତତ୍ପର ଏବଂ ସମସ୍ତ ଉପସ୍ଥିତ ବ୍ୟକ୍ତି ମାନଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ ।

ମନ୍ତ୍ରୀ

॥ ମାନ୍ୟବର ଆଇନ, ପଂଚାୟତରାଜ ଓ ପାନୀୟଜଳ,
ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ,ଓଡ଼ିଶା ॥

ଜ୍ଞାପକ ସଂଖ୍ୟା ।537 ସାଓବି. ତା. 03.06.2022

ଏହାର ଏକକିତା ନକଲ ବ୍ୟକ୍ତିଗତ ସଚିବ/ ମାନ୍ୟବର ଆଇନ, ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଓଡ଼ିଶା/ ମାନ୍ୟବର ମନ୍ତ୍ରୀ, ସୂଚନା ଓ ଲୋକ ସଂପର୍କ/ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା/ ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ ଓ ସଂସ୍କୃତି, ଓଡ଼ିଶା/ ମାନ୍ୟବର ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଓଡ଼ିଶା/ ମାନ୍ୟବର ମନ୍ତ୍ରୀ ଜଳସମ୍ପଦ, ଓଡ଼ିଶା/ ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଓଡ଼ିଶାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ।538 ସାଓବି. ତା. 03.06.2022

ଏହାର ଏକକିତା ନକଲ ସଚିବ, ରାଜ୍ୟ ସରକାରଙ୍କ ବିଧି ବିଭାଗ/ ଅର୍ଥ ବିଭାଗ/ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ/ ଗୃହ ଓ ନଗର ଉନ୍ନୟନ ବିଭାଗ/ ସଚିବ, ଖାଦ୍ୟ ଓ ଯୋଗାଣ ବିଭାଗ/ ଜଙ୍ଗଲ ଓ ପରିବେଶ ବିଭାଗ/ ଶକ୍ତି ବିଭାଗ/ ପରିବହନ ବିଭାଗ/ ସଚିବ, ସୂଚନା ଓ ଲୋକସଂପର୍କ ବିଭାଗ / ସାଂସ୍କୃତିକ ବିଭାଗ/ ସଚିବ, ପର୍ଯ୍ୟଟନ ବିଭାଗଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ୧୫୩୯ ସାଓବି. ତା. ୦୩·୦୬·୨୦୨୨

ଏହାର ଏକକିତା ନକଲ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ/ ଘରୋଇ ବିଭାଗ/ ଅର୍ଥ ବିଭାଗ/ ସଚିବ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ/ ଆରକ୍ଷୀ ମହାନିରୀକ୍ଷକ, ଓଡ଼ିଶା/ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା, ଭୁବନେଶ୍ୱର/ ନିର୍ଦ୍ଦେଶକ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ୧୫୪୦ ସାଓବି. ତା. ୦୩·୦୬·୨୦୨୨

ଏହାର ଏକକିତା ନକଲ ଚେୟାରମ୍ୟାନ୍, ଗ୍ରୀଡକୋ, ଭୁବନେଶ୍ୱର/ ମୁଖ୍ୟ ନିର୍ବାହୀ ଅଧିକାରୀ, **TPCODL** ଭୁବନେଶ୍ୱର/ ମହାଡ଼ାକପାଳ, ଓଡ଼ିଶା, ଭୁବନେଶ୍ୱର/ କମିଶନର, ରେଲୱେ କୋର୍ଡ଼ିନେସନ, ଭୁବନେଶ୍ୱର/ ପରିବହନ କମିଶନର, କଟକ/ ନିର୍ଦ୍ଦେଶକ, ପର୍ଯ୍ୟଟନ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର/ ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ, ପଂଚାୟତରାଜ ବିଭାଗ, ଓଡ଼ିଶା, ଭୁବନେଶ୍ୱର/ ମୁଖ୍ୟ ବନନିରୀକ୍ଷକ, ଓଡ଼ିଶା, ଭୁବନେଶ୍ୱର/ ମୁଖ୍ୟ ବନନିରୀକ୍ଷକ, ଓଡ଼ିଶା, ଭୁବନେଶ୍ୱର/ ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ, ପଞ୍ଚାୟତିରାଜ ବିଭାଗ, ଓଡ଼ିଶା/ ନିର୍ଦ୍ଦେଶକ, ଦୂରଦର୍ଶନ/ ନିର୍ଦ୍ଦେଶକ, ଆକାଶବାଣୀ,କଟକ/ ଏଣ୍ଡାଓମେଣ୍ଟ କମିଶନର, ଭୁବନେଶ୍ୱର/ ମେୟର ସେକ୍ରେଟାରୀ, ଓ.ଡ଼ବ୍ଲୁ. ଏସ୍. ଏସ୍. ବ/ **Dy. Commission, ST. john Ambulance/ Project director, NHAI, Odisha/ Executive Director,** ଓଡ଼ିଶା ସଡ଼କ ପରିବହନ ନିଗମ, କଟକ/ ମୁଖ୍ୟ ଅଗ୍ନିଶମ ଅଧିକାରୀ କଟକ/ ଡ଼ିଭିଜନାଲ ମ୍ୟାନେଜର, ଦକ୍ଷିଣପୂର୍ବ ରେଳପଥ, ଖୋର୍ଦ୍ଧା/ଅଧିକ୍ଷକ, ପ୍ରତ୍ନତତ୍ୱ ବିଭାଗ, ଭୁବନେଶ୍ୱର/ ବନଖଣ୍ଡ ଅଧିକାରୀ ଖୋର୍ଦ୍ଧା/ ନୟାଗଡ଼ ବୌଦ୍ଧଙ୍କ ଅବଗତି ଓ ବିହିତ କାର୍ଯ୍ୟାଁନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ୧୫୪୧ ସାଓବି. ତା.୦୩.୦୬.୨୦୨୨

ଏହାର ଏକକିତା ନକଲ ଶ୍ରୀ ଶ୍ରୀ ଗଜପତି ମହାରାଜ, ପୁରୀ/ ମୁଖ୍ୟ ପ୍ରଶାସକ, ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ ଆରକ୍ଷୀ, ପୁରୀ/ ପ୍ରୋଜେକ୍ଟ ଡ଼ାଇରେକ୍ଟର, ଡ଼ି.ଆର.ଡ଼ି.ଏ, ପୁରୀ/ ଏକଜିକ୍ୟୁଟିଭ୍ ଅଫିସର, ପୁରୀ ମ୍ୟୁନିସିପାଲିଟି, ପୁରୀ/ ପ୍ରଶାସକ, ଶ୍ରୀ ଜଗନ୍ନାଥ ମନ୍ଦିର,ପୁରୀ/ ପ୍ରଶାସକ (ନୀତି), ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ/ ଉପଜିଲ୍ଲାପାଳ, ପୁରୀ/ ବନଖଣ୍ଡ ଅଧିକାରୀ (ବନ୍ୟଜନ୍ତୁ), ପୁରୀ/ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୁରୀ/ ତହସିଲଦାର, ପୁରୀ/ ମ୍ୟାନେଜର ଲିଡ୍ ବ୍ୟାଙ୍କ, ପୁରୀ/ ସ୍ୱାସ୍ଥ୍ୟ ଅଧିକାରୀ, ପୁରୀ ମ୍ୟୁନିସିପାଲିଟି/ ଡି.ପି.ସି. ସର୍ବଶିକ୍ଷା ଅଭିଯାନ, ପୁରୀ/ ପର୍ଯ୍ୟଟନ ଅଧିକାରୀ ପୁରୀ/ ସି.ଡ଼ି.ଏମ୍.ଓ., ପୁରୀ/ ସହକାରୀ ଅଗ୍ନିଶମ ବିଭାଗ, ପୁରୀ/ ସି.ଏସ.ଓ., ପୁରୀ/ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, ପୁରୀ/ ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ/ ଅଧିକ୍ଷଣ ଯନ୍ତ୍ରୀ ଡ୍ରେନେଜ/ ନିର୍ବାହୀ ଯନ୍ତ୍ରୀ WATCO ପୁରୀ ନିର୍ବାହ ଯନ୍ତ୍ରୀ, ଗ୍ରାମାଂଚଳ ଯୋଗାଣ ଓ ପରିମଳ, ପୁରୀ/ ଷ୍ଟେସନ ଡ଼ାଇରେକ୍ଟର, ରେଲୱେ ପୁରୀ/ ଉପଖଣ୍ଡ ଅଧିକାରୀ ଜି.ଆଇ.ଡି, ପୁରୀ/ ଉପଖଣ୍ଡ ଅଧିକାରୀ, ଟେଲିଫୋନ, ପୁରୀ/ ଡିଭିଜନାଲ ଟେଲିକମ ଇଞ୍ଜିନିୟର ପୁରୀ/ ଡ଼ି.ଜି.ଏମ., TPCODL ପୁରୀ/ ସଭାପତି ହୋଟେଲ ଆସୋସିଅସନ, ପୁରୀ/ କମିଶନର, ସ୍କାଉଟ୍ ଓ ଗାଇଡ଼, ପୁରୀ କମାଣ୍ଡାଣ୍ଟ, ଏନ.ସି.ସି., ପୁରୀ/ ପ୍ରୋଗାମ ଇଞ୍ଜିନିୟର ଆକାଶବାଣୀ, ପୁରୀ/ସୁପରଟେଣ୍ଡେଂଟ ଟି.ବି. ଓ ଆଇ.ଡ଼ି. ହସପିଟାଲ, ପୁରୀ/ ସେକ୍ରେଟାରୀ, ପି.କେ.ଡ଼ି.ଏ/ ଉପମୁଖ୍ୟ ଅଧିକାରୀ, ପୁରୀ/ କ୍ଷେତ୍ରପ୍ରଚାର ଅଧିକାରୀ, ପୁରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା 1542 ସାଓବି. ତା. ୦୩.୦୬.୨୦୨୨

ଏହାର ଏକକିତା ନକଲ ଡଷ୍ଟ୍ରିକ୍ଟ ଇନଫରମାଟିକ ଅଫିସର, ଏନ୍.ଆଇ. ସି., ପୁରୀଙ୍କୁ ପ୍ରେରଣ କରାଯାଇ ୱେବସାଇଟରେ ପରିବେଷଣ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ପୁରୀ